ଓଡ଼ିଶା ଡଟ୍ କମ୍
odisha.com
World's first and only 24 x 7 Oriya news portal

| | | | | | |
|---|---|---|---|---|---|
| ଓଡ଼ିଶା ଖବର | ପ୍ରବାସୀ ଓଡ଼ିଆ | ସାକ୍ଷାତକାର | ବିଶେଷ ଖବର | ଓଡ଼ିଶାର ବନ୍ଧୁ | ଚିଠି ପତ୍ର |
| ଜାନୁୟାରୀ ୧୯,୨୦୦୬ ଗୁରୁବାର | | ପ୍ରଚ୍ଛଦ | ଆମେ କିଏ | ପୁରୁଣା ପୃଷ୍ଠା | ଯୋଗାଯୋଗ |

# ବିଜ୍ଞାନ ସଂସ୍ଥା ମାମଲାରେ ରହିତାଦେଶ ବଳବତ୍ତର

ଓଡ଼ିଶା ଡଟ୍ କମ୍ ସମ୍ବାଦଦାତା

କଟକ, ଜାନୁୟାରୀ ୧୯(ଓଡ଼ିଶା ଡଟ୍ କମ୍) ଭୁବନେଶ୍ୱରରୁ ପ୍ରସ୍ତାବିତ ବିଜ୍ଞାନ ସଂସ୍ଥା ଅନ୍ୟ କୌଣସି ସ୍ଥାନକୁ ସ୍ଥାନାନ୍ତର ନ କରିବା ନେଇ ପୂର୍ବରୁ ହାଇକୋର୍ଟ ଦେଇଥିବା ମଧ୍ୟବର୍ତ୍ତୀକାଳୀନ ରହିତାଦେଶ ବଳବତ୍ତର ରହିବ ବୋଲି କୋର୍ଟର ଜଣେ ବରିଷ୍ଠ ଆଇନଜୀବି କହିଛନ୍ତି ।

୨୦୦୩ ଡ଼ିସେମ୍ବରରେ ତତ୍କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଭାରତୀୟ ବିଜ୍ଞାନ ସଂସ୍ଥାନ ଦେଶର ଚାରୋଟି ସହର ଯଥା ପୁନେ, ଭୁବନେଶ୍ୱର, ଆହ୍ଲାବାଦ ଓ ଚେନ୍ନାଇରେ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଥିଲେ ।

ଏହାସହ ପଢନ୍ତୁ
ବିଜ୍ଞାନ ସଂସ୍ଥା

ତେବେ, କୋଲକାତା ଏବଂ ପୁନେରେ 'ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ ଫର୍ ଏଜୁକେସନଆଣ୍ଡ ରିସର୍ଚ୍ଚ' ପ୍ରତିଷ୍ଠା ହେବ ବୋଲି ଗତ ସେପ୍ଟେମ୍ବର ୨୮ ତାରିଖରେ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ।

ଜାତୀୟ ବିଜ୍ଞାନ ସଂସ୍ଥାର ନାମ ବଦଳାଇ ଭୁବନେଶ୍ୱରରୁ କୋଲକାତାକୁ ଏହା ସ୍ଥାନାନ୍ତର କରାଯାଉଛି ବୋଲି ଅଭିଯୋଗ କରି 'ରାଜ୍ୟ ଜନସ୍ୱାର୍ଥ ସୁରକ୍ଷା ପରିଷଦ'ର ସଭାପତି ପ୍ରଶାନ୍ତ କୁମାର ଦାଶ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ ।

ଉକ୍ତ ମାମଲାର ବିଚାର କରି ହାଇକୋର୍ଟ ଗତ ନଭେମ୍ବର ୮ ତାରିଖରେ ବିଜ୍ଞାନ ପ୍ରତିଷ୍ଠାନକୁ ଭୁବନେଶ୍ୱରରୁ ପୂର୍ବାଞ୍ଚଳର ଅନ୍ୟ କୌଣସି ସ୍ଥାନକୁ ସ୍ଥାନାନ୍ତର ଉପରେ ରହିତାଦେଶ ଜାରୀ କରି ଏ ସଂପର୍କରେ ଜବାବ ଦାଖଲ ପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ(ୟୁଜିସି)ଙ୍କୁ ନୋଟିସ ଜାରୀ କରିଥିଲେ ।

ବୁଧବାର ମାମଲାର ଶୁଣାଣି ହେବାର ଥିଲା । ତେବେ ୟୁଜିସିକୁ ଜବାବ ଦାଖଲ ପାଇଁ କୋର୍ଟ ଦେଇଥିବା ନୋଟିସରେ ତ୍ରୁଟି ଥିବା ଯୋଗୁଁ ଆୟୋଗକୁ ପୁଣି ଥରେ ନୋଟିସ ଜାରୀ କରାଯାଇଛି ।

ତେଣୁ ଏହି ମାମଲାର ଶୁଣାଣି ଆସନ୍ତା ଫେବୃୟାରୀ ୨୨ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ସେ ପର୍ଯ୍ୟନ୍ତ ରହିତାଦେଶ ବଳବତ୍ତର ରହିବ ବୋଲି ସେ କହିଛନ୍ତି ।

ଓଡ଼ିଶା ଡଟ୍ କମ୍

Contact address: info@odisha.com , odisha@rediffmail.com
Copy right 2004-2009 odisha.com, All rights reserved
Editor in Chief: JATINDRA DASH
ଓଡ଼ିଶା ଡ଼ଟ୍ କମ୍‌ର ଘୋଷଣାନାମା